
ISSN: 2456-9194, Vol. I, Issue. III, 2017


ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php

# 'ନାରୀତ୍ୱ' – ଗର୍ବ କରିବାର କଥା


ମିନାକ୍ଷୀବାଳା ପ୍ରଧାନ

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର – ୭୫୧୦୦୪

meenakshi.pradhan023@gmail.com



***ସଂକ୍ଷିପ୍ତ ପରିଚୟ*** - *'ଗର୍ବ କରିବାର କଥା' ଉପନ୍ୟାସର ଲେଖକ ଡ. ହୃଷୀକେଶ ପଣ୍ଡାଙ୍କର ଅଧ୍ୟାୟର କାଳ ୧୫୧୪ରୁ ୧୯୦୫ ପ୍ରାୟ ପାଞ୍ଚ ଶହ ବର୍ଷ । ଇତିମଧ୍ୟରେ ସେ ଓଡ଼ିଶାର ସଂସ୍କୃତି ଓ ଇତିହାସରେ ଘଟିଯାଇଥିବା ଅନେକ ଗରିମାମୟ ଘଟଣାବଳୀର କଥାକୁ ବର୍ଣ୍ଣନା କରିଛନ୍ତି । ସେଥିମଧ୍ୟରେ ନାରୀ ଚରିତ୍ରକୁ ମଧ୍ୟ ପ୍ରାଧାନ୍ୟ ଦେଇଛନ୍ତି । ସମାଜରେ ସେମାନଙ୍କର ଦାୟିତ୍ୱବୋଧକୁ ସେମାନେ ସୁଚାରୁରୂପେ ସମ୍ପାଦନା କରି ଆଜିର ନାରୀ ସମାଜପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି । ଉଦ୍ଭଟ, ବିଶୃଙ୍ଖଳ ଓ ପଥଭ୍ରଷ୍ଟ ମଣିଷଙ୍କ କବଳରୁ ସମାଜକୁ ରକ୍ଷା କରିବାର ପ୍ରତିବଦ୍ଧତା କେବଳ ନାରୀଙ୍କଠାରେ ପରିଲକ୍ଷିତ ହୁଏ । ଉପନ୍ୟାସର ପ୍ରାୟ ୪୦ଟି ମୁଖ୍ୟ ଚରିତ୍ର ମଧ୍ୟରୁ ଅଧାରୁ ଅଧିକ ବଳିଷ୍ଠ ନାରୀଚରିତ୍ର ତୁଳସୀ, ରଜନୀ, କନକେଶ୍ୱରୀ, ଗୌରୀ ଓ ସତୀ ମାନ୍ଧାତାଣୀ ଓ ସାଧବାଣୀ ଇତ୍ୟାଦି ମାଧ୍ୟମରେ ନାରୀର ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି । ବିଦେଶିନୀ ମାନ୍ଧାତା ଓ ସାଧବମାନଙ୍କ ମଧ୍ୟରେ ଆଫଗାନ୍ ସୁନ୍ଦରୀ ଗହବା, କମ୍ବୋଜ ରାଜକନ୍ୟା ଚନ୍ଦ୍ରବତୀ, ଚୀନ ସୁନ୍ଦରୀ ଲିଣ୍ଡିଆ, ତୁରସ୍କ ନାରୀ ଓ ଗ୍ରୀସୀୟ ପତ୍ନୀ ଉସଙ୍ଗ । ଯେବେଯେବେ ଏହି ସମାଜ ଅବକ୍ଷୟଗାମୀ ହେଉଛି, ନାରୀଚରିତ୍ର ନିଜର ନୈତିକତା ଓ ପାରିବାପଣିଆ ସହିତ ସାଲିସ୍ କରପାରିନାହିଁ । ଅତଏବ, ନାରୀତ୍ୱ ହିଁ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଥାଏ ।*



***ପ୍ରମୁଖ ଶବ୍ଦାବଳୀ*** *(Keywords) - ନାରୀ, ଗର୍ବ କରିବାର କଥା, ସଂସ୍କୃତି, ଚନ୍ଦ୍ରାବତୀ, ନାରୀତ୍ୱ*


ଭଗବାନଙ୍କ ସୃଷ୍ଟିରେ ନାରୀ ଏକ ସୁନ୍ଦର, ସ୍ୱତନ୍ତ୍ର ଏବଂ ସର୍ବୋତ୍ତମ ସୃଷ୍ଟି । ପୁରାଣ ଯୁଗରେ ଦେବୀ ଦୁର୍ଗା, ମହାକାଳୀ ଇତ୍ୟାଦି ଶକ୍ତି ରୂପରେ ଅବତରଣ କରିଥିଲେ । ମା' ଯଶୋଦା ବାତ୍ସଲ୍ୟ ମମତାର ଦୃଷ୍ଟାନ୍ତ ଥିଲେ ସତୀ ସାବିତ୍ରୀ, ସୀତା, ଦ୍ରୌପଦୀ, ପସତୀ ଇତ୍ୟାଦି ତାଙ୍କର ମହନୀୟତାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କର ମାତା ମେରି ସମଗ୍ର ବିଶ୍ୱର ମାତା । ମ୍ୟାଡ଼ାମ କ୍ୟୁରି, ଆନିବେଶାନ୍ତ, ତସଲିମା ନସରିନ୍ ଇତ୍ୟାଦି ନାରୀ ଜାତିର ଅସମ୍ଭବ କୃତିତ୍ୱର ଅଧିକାରିଣୀ; ରାଣୀ ପଦ୍ମାବତୀ ସମଗ୍ର ରାଜପୁତ ଜାତିର ଗୌରବ; କ୍ରିଡ଼ା କ୍ଷେତ୍ରରେ ଭାରତ ପାଇଁ ମେଡ଼ାଲ ଜିତି ମେରିକମ୍, ପି. ସିନ୍ଧୁ, ସାଇନା ନେହେୱାଲ, ମିତାଲିରାଜ, ସାନିୟା ମିର୍ଜା ଦେଶକୁ ଗୌରବାନ୍ୱିତ କରିଛନ୍ତି । କଳ୍ପନା ଚାୱାଲା ମହାକାଶ ଗବେଷଣାରେ ବିଶ୍ୱସ୍ତରରେ ପରିଚିତ । ବୁଦ୍ଧି ଓ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ରୀତା ଫାରିଆ, ଶୁସ୍ମିତାସେନ୍, ଐଶ୍ୱର୍ଯ୍ୟାରାୟ, ପ୍ରିୟଙ୍କା ଚୋପ୍ରା ଅନେକ ଦେଶ ଓ ଜାତିର ଗୌରବ । ଓଡ଼ିଶାର ରାଣୀ ପଦ୍ମାବତୀ, ଗଣିତ ନୁପୁଣା ଲୀଳାବତୀ, କବୟତ୍ରୀ କୁନ୍ତଳା କୁମାରୀ ସାବତ, ପ୍ରତିଭା ରାୟ, ପ୍ରତିଭା ଶତପଥୀ, ଅର୍ଚ୍ଚନା ରାୟ ଇତ୍ୟାଦି ଅନେକ ଆମ ଜାତିର ଟେକ ରଖିଛନ୍ତି । ମଧ୍ୟଯୁଗୀୟ ଗୋପା, ଗାର୍ଗୀ, ଶକୁନ୍ତଳା ଇତ୍ୟାଦି ନାରୀ ଜାତିର ଗୌରବ ଥିଲେ । ବର୍ତ୍ତମାନର ଅନେକ ନାରୀ ଜଣେ ଜଣେ ଅନନ୍ୟ ଗୁଣନିପୁଣା । ତଥାପି କେତେକ ଅମଣିଷ, ମୁଢ଼, ଅପରିଣାମଦର୍ଶୀଙ୍କ ପାଖରେ ନାରୀର ଅସ୍ତିତ୍ୱ ପ୍ରଶ୍ନବାଚୀ । ଚିରାଚରିତ ସଂଜ୍ଞା ଅବଳା, ଦୁର୍ବଳା, କବିତା ବନିତାଲତାର ଢଗ 'ପୁତ୍ରର୍ଥେ କ୍ରିୟତେ ଭାର୍ଯ୍ୟା' ଇତ୍ୟାଦି ବଳବତ୍ତର ରହିଛି ।

ସେ ଏକାଧାରରେ ଜାୟା, ଜନନୀ, ଭଗିନୀ ଇତ୍ୟାଦି । ପ୍ରତ୍ୟେକ କ୍ଷେତ୍ରରେ ନାରୀ ତା'ର ଭୂମିକା ନିଖୁଣ ଭାବେ ତୁଲାଇଥାଏ । ପୁରୁଷ ପ୍ରାଧାନ୍ୟ ସମାଜରେ ପୁରୁଷମାନେ ନିଜର ପୌରୁଷତ୍ୱକୁ ଜାହିର କରିଥାନ୍ତି, ଭୁଲିଯାଆନ୍ତି କେଉଁ ଏକ ନାରୀ ତା'ର ସମସ୍ତ ଶକ୍ତି, ବୁଦ୍ଧି ଖଟାଇ ସମସ୍ତ କୌଶଳକୁ ଆପଣାଇ ଆଜିର ସଂସାର ଆଗରେ ତାହାକୁ ଛିଡ଼ା କରିଛି । ତା'ର ପୃଷ୍ଠଭୂମିରେ ଯେ ନାରୀର ହାତ ରହିଛି, ସେ କଥା ଭୁଲିଯାଏ । ଅନେକ ଓଷା, ଉପବାସ, ବ୍ରତ କରିଥାଏ ସମସ୍ତଙ୍କର ମଙ୍ଗଳମନାସୀ । ଦଶମାସ ଦଶଦିନ ଶିଶୁକୁ ଗର୍ଭରେ ରଖି ଅନେକ କଷ୍ଟ ପରେ ପାଇଥାଏ

ମାତୃତ୍ୱ । ଛାତି ଫୁଲାଇ ସମସ୍ତ କଷ୍ଟକୁ ଢ଼ୋକି ମାତୃତ୍ୱର ଆତ୍ମସନ୍ତୋଷ ଲାଭ କରିଥାଏ । ଅନେକ ସେଥିପାଇଁ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଥାନ୍ତି ।

ଦିନଥିଲା ନାରୀ ଘରର ଚାରିକାନ୍ଥରେ ଆବଦ୍ଧ ରହୁଥିଲା । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ତା'ପାଇଁ ଭରି ରହିଥିଲା ତାଡ଼ନା, ଲାଞ୍ଛନା, ପ୍ରତାରଣା ଇତ୍ୟାଦି ଇତ୍ୟାଦି । ପୁଅ ନଥାଇ ଘରେ ଝିଅ ଜନ୍ମ ହୁଏ, ତେବେ ତା'ପାଇଁ ଅତ୍ୟାଚାର ଆରମ୍ଭ । ସେହି ଦିନଠାରୁ ଯଦି ପୁଅ ଥାଇ ଝିଅ ଜନ୍ମ ହୁଏ ତେବେ ପାତରଅନ୍ତର ଆରମ୍ଭ ମଧ୍ୟ ସେହିଠାରୁ । ଶିକ୍ଷାଦୀକ୍ଷା ତ ଦୂରର କଥା । ଝିଅ ପାଇଁ ପ୍ରସ୍ତୁତ ହୋଇଥାଏ ଅନେକ କଟକଣା । ତା'ର ଖାଇବା ପିଇବା, ବେଶଭୂଷା, ଚାଲିଚଳନ ଇତ୍ୟାଦିରେ ଥାଏ ପ୍ରତିବନ୍ଧକ । କିପରି ପର ଘରେ ଚଳିବ, କିପରି ପରକୁ ଆପଣାର କରିବ, ଭଲ ବୋହୂଟିଏ ହେବ, ସେହି ଶିକ୍ଷା ଦିଆଯାଇଥାଏ ତାକୁ । ପୁଅକୁ ଭଲ ଶିକ୍ଷା ଦିଆଯାଏ । ବଡ଼ହେଲେ ସେ କିଛି କରି ଘରର ନାଁ ରଖିବ । କିନ୍ତୁ, ଝିଅଟି ଅଳ୍ପ ଦି'ଅକ୍ଷର ପାଠପଢୁ ବା ନ ପଢୁ ତା'ରି ପାଠରେ ଡୋରିବାନ୍ଧି ଦିଆଯାଏ । ଅଳ୍ପ ବୟସରୁ ବର ଖୋଜା ଆରମ୍ଭ ହୋଇଯାଏ କନ୍ୟାଦାନ ମହାପୁଣ୍ୟକୁ ଆଖିରେ ରଖନ୍ତି । କିପରି ପରଘରକୁ ଛାଡ଼ିଦେଲେ ଜଞ୍ଜାଳମୁକ୍ତ ହେବା, ସତେଯେପରି ଏକ ଚରମ ଲକ୍ଷ୍ୟ ।

ତା'ପାଇଁ ଖୋଲା ଆକାଶ ମନା, ମନ ଖୋଲି ହସିବା ମନା, ସ୍ୱପ୍ନ ଦେଖିବା ମନା, ତା'ର ଛୋଟିଆ ଆଶା କରିବା ମନା ଇତ୍ୟାଦି । 'ଦୁହିତା ଦୁଇକୂଳକୁ ହିତା' ବାପଘରେ ହେଉ ବା ଶ୍ୱଶୁର ଘରେ ହେଉ ତାକୁ ସର୍ବଦା ସ୍ୱତନ୍ତ୍ର ଖସଡ଼ା ଅନୁଶୀଳନ କରିବାକୁ ବାଧ୍ୟ, ତା'ହେଲେ ସେ ହୁଏ ସର୍ବଗୁଣା ସଂପର୍ଣ୍ଣା ନାରୀ । ଟିକିଏ ବା ବ୍ୟତିକ୍ରମ ତା'ର ସର୍ବସ୍ୱ ଲୁଟି ନେଇଥାଏ । ସମାଜରେ ଅଲକ୍ଷଣି, ଅଭଦ୍ର, ଅସଂସ୍କାର, ଦୋଚାରୁଣୀ, କଳିହୁଣ୍ଡି ଇତ୍ୟାଦି ପଦବାଚ୍ୟ ହୁଏ ।

ତଥାକଥିତ ସମାଜର ବଡ଼ପଣ୍ଡାମାନଙ୍କ ଆଖିରେ ସର୍ବଦା ସମାଲୋଚନାର ଶରବ୍ୟ । ଖୁଣ୍ଟିନାଣ୍ଟି ସମସ୍ତ ଦୋଷତ୍ରୁଟି ଲଦି ଦିଆଯାଏ ତା'ରି ଉପରେ । ବଞ୍ଚିବା ପାଇଁ ତା'ପାଇଁ ହୋଇଯାଏ ମୁସ୍କିଲ । ତା'ର ଦାୟିତ୍ୱ ଓ କର୍ତ୍ତବ୍ୟକୁ (ସମସ୍ତଙ୍କର) ଅଙ୍ଗୁଳି ନିର୍ଦ୍ଦେଶ କରିବା ସତେଯେପରି ଅଧିକାର । କହନ୍ତି, ନାରୀ ମନ ନାରାୟଣଙ୍କୁ ଅଗୋଚର । ଅତଳତଳ ମନ ତଳେ କି କି ରହସ୍ୟ ସେ ଲୁଚାଇ ରଖିଥାଏ । ତେଣୁ, ଯୁଗେ ଯୁଗେ କବି ଲେଖକମାନେ କହିଛନ୍ତି ସୁନ୍ଦରୀ ଓ ବିଶ୍ୱସ୍ତ ହୋଇଥିବା ନାରୀ ଜଗତରେ ବିରଳ । ନାରୀ ମନକୁ ନେଇ ଏସବୁ ପ୍ରଶ୍ନ କେଉଁ ଆଦିମ କାଳର । କିନ୍ତୁ, ଆଜିଯାଏ ବିଡ଼ମ୍ବନା ଏହି ଯେ ନାରୀ ମନତଳର ଅକୁହାକଥାକୁ ନେଇ ପୁରୁଷ ହିଁ ପ୍ରଶ୍ନ କରିଛି - ପୁରୁଷ ହିଁ ନାରୀକୁ ଅଦ୍ୟାବଧି ସାମାଜିକ ସ୍ୱାଧୀନତା ଦେଇନାହିଁ । ମର୍ଯ୍ୟାଦା ନାମରେ ଆତ୍ମପ୍ରତାରଣା, ପ୍ରେମ ନାମରେ ଶୋଷଣ, ସାମାଜିକତା ନାମରେ ଦାସତ୍ୱ, ସ୍ନେହ-ସୋହାଗ ନାମରେ ଅଧିକାର ଶୂନ୍ୟତା ଓ ସର୍ବୋପରି ନାରୀତ୍ୱ ନାମରେ ଅସତ୍ୟକୁ ହିଁ ନାରୀ ନିଜ ବ୍ୟକ୍ତିତ୍ୱର ଅଳଙ୍କାର ବୋଲି ଭାବିଆସିଛି । ଏହାସତ୍ତ୍ୱେ ମଧ୍ୟ ନିଜେ ଜଳି ଅନ୍ୟକୁ ଆଲୋକ ଦେଇଥାଏ ନାରୀ । ସକାଳୁ ସଞ୍ଜଯାଏଁ ଏବଂ ସଞ୍ଜରୁ ସକାଳ ଯାଏଁ ଲାଗିପଡ଼ିଥାଏ । ତା'ର କର୍ମରେ । ଘରର ସମସ୍ତ ଜଞ୍ଜାଳ ତା'ରି ଉପରେ ଘର ସଫାସୁତୁରା, ରୋଷେଇବାସଠାରୁ ଆରମ୍ଭ କରି ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱତନ୍ତ୍ର ଚାହିଦା ବନ୍ଧୁବାନ୍ଧବ, ସାହିପଡ଼ିଶା ସମସ୍ତଙ୍କୁ ପଚରାଉଚରା କରିବା ପର୍ଯ୍ୟନ୍ତ । ଜୀବନ ରଙ୍ଗମଞ୍ଚରେ ଏକ ମୁଖ୍ୟ ନାୟକର ଭୂମିକା ତୁଲାଇଥାଏ । ସମସ୍ତଙ୍କୁ ଢ଼ାଳି ଦେଇଥାଏ ଅନାବିଳ ସ୍ନେହ । ବାନ୍ଧି ରଖିଥାଏ ପ୍ରେମର ବନ୍ଧନରେ । ଆଶା କରିନଥାଏ କୌଣସି ସାର୍ଟିଫିକେଟ ବା ଉପହାର ପାଇବା ପାଇଁ । ଅନ୍ୟମାନଙ୍କ ଖୁସିରେ ପାଇଥାଏ ଖୁସି, ଅନ୍ୟମାନଙ୍କ ଆନନ୍ଦରେ ହୋଇଥାଏ ଆନନ୍ଦିତ । ସୁଖ ଦୁଃଖ ସବୁକୁ ଆଦରି ଆଗେଇ ଚାଲିଥାଏ ଆଗକୁ ଆଗକୁ । ତା'ରି ପାଖରେ ହାର୍‌ଜିତ୍ ଖାତିର ନଥାଏ । କେତେ ପାଇଲି, କେତେ ହରାଇଲି, ତା'ର ହିସାବ ନଥାଏ କି କ୍ଷୋଭ ନଥାଏ ।

ନାରୀ ସମଗ୍ର ଧର୍ମ ସଂପ୍ରଦାୟ ଓ ସମାଜର ମୂଳପିଣ୍ଡ । ତା'ର ମାନ ସମ୍ମାନକୁ ନେଇ ରାଷ୍ଟ୍ରର ମୂଳଦୁଆ ଦୃଢ଼ କିମ୍ବା ଦୁର୍ବଳ ହୋଇଥାଏ । ଭାରତୀୟ ସଂସ୍କୃତି ଓ ପରମ୍ପରାରୁ ଯାହା ସୂଚନା ମିଳେ ସେଥିରୁ ନିଶ୍ଚିତ ହେବାକୁ ହୁଏ ଯେ ସମାଜର ଉତ୍ଥାନ କିମ୍ବା ପତନରେ ନାରୀର ଭୂମିକା ଅଗ୍ରଗଣ୍ୟ । ବିଦୂଷୀ ନାରୀ ଏକାଧାରରେ କନ୍ୟା, ଭଗ୍ନୀ, ସ୍ତ୍ରୀ ତଥା ମାତାର ଭୂମିକାରେ ଅବତୀର୍ଣ୍ଣ ହୋଇ ସଫଳତା ହାସଲ କରିଥାଏ । ନାରୀର ସର୍ବୋତ୍ତମ ସଫଳ ବିଭାଗଟି ହେଲା ମାତୃରୂପା । ଅର୍ଥାତ୍ ମାତୃତ୍ୱପ୍ରାପ୍ତିରେ ନାରୀ ସଫଳତା ତଥା ସଂପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ନଚେତ୍ ନାରୀର ଜୀବନ ବ୍ୟର୍ଥ ।

"ମାତୃମାନ ପିତୃମାନାଗର୍ଯ୍ୟବାନ୍ ପୁରିଷୋବେଦ ।"

ଅର୍ଥାତ୍ ମାତାପିତା ଏବଂ ଗୁରୁଙ୍କ ଦ୍ୱାରା ମଣିଷ ଜ୍ଞାନବାନ ହୋଇଥାଏ । ଶ୍ଳୋକରେ ପ୍ରଥମସ୍ଥାନ ମାତାଙ୍କୁ ପ୍ରଦାନ କରାଯାଇଛି । ଅର୍ଥାତ୍, ନାରୀ ହିଁ ଜ୍ଞାନୋପଦେଶ ପ୍ରଦାନ କରିଥାଏ । ମାତା ଯଦି ସର୍ବଗୁଣ ସମ୍ପର୍ଣ୍ଣା ତେବେ ଉକ୍ତ ପରିବାର ନିଶ୍ଚିତ ଭାବେ ଧନୀମାନୀ । ଅର୍ଥାତ୍ ନାରୀ ହିଁ ଦେଶକୁ, ଧର୍ମକୁ, ଜାତିକୁ ନିୟନ୍ତ୍ରିତ କରିଥାଏ ।

ପୁନଶ୍ଚ କୁହାଯାଇଛି ଯେ - "ପ୍ରଶସ୍ତା ଧାର୍ମିକୀ ବିଦୂଷୀ ମାତା ବିଦ୍ୟତେ ଯଶ୍ୟ ସ ମାତୃମାନା" ଏହି ଶ୍ଳୋକରେ ସନ୍ତାନସନ୍ତତି, ମାତାଙ୍କ ଦ୍ୱାରା ଯେତେ ଉପଦେଶ ଏବଂ ଉପକାର ପ୍ରାପ୍ତି ହୁଅନ୍ତି, ଜୀବନରେ ଅନ୍ୟ କାହାରିକୁ ସେତିକି ପ୍ରାପ୍ତ ହୁଅନ୍ତିନି । ମାତା ସନ୍ତାନଙ୍କୁ ଯେଉଁ ଅନାବିଳ ନିଃସ୍ୱାର୍ଥ ସ୍ନେହ, ମମତା, ପ୍ରେମ ପ୍ରଦାନ କରି ତା'ର ଜୀବନକୁ ଅମୃତମୟ କରି ଗଢ଼ି ତୋଳେ, ନାରୀର ଅନ୍ୟ ରୂପ ଅର୍ଥାତ୍ କନ୍ୟା, ଭଗ୍ନୀ, ସ୍ତ୍ରୀର ଭୂମିକାରେ ତାହା ପ୍ରଦାନ କରିବା ଅସମ୍ଭବ । ଏଣୁ, ନାରୀର ମାତୃରୂପକୁ ହିଁ ଯଥାର୍ଥରେ ମାତୃମାନ୍ କୁହାଯାଇଥାଏ ।

ସମୟ ବଦଳିଛି, ପ୍ରତ୍ୟେକ କ୍ଷେତ୍ରରେ ନାରୀ ପୁରୁଷ ସହ ତାଳ ଦେଇ ଚାଲିଛି । ତେଣୁ ନାରୀବିନା ପୁରୁଷ ଅସଂପୂର୍ଣ୍ଣ । ପୁରୁଷ ବିନା ନାରୀ ଅସଂପୂର୍ଣ୍ଣ । ପୁରୁଷ ପାଇଁ ପ୍ରେରଣାର ଉତ୍ସ ହେଲା ନାରୀ । ନାରୀ ଏବଂ ପୁରୁଷ ଉଭୟେ ଉଭୟଙ୍କ ପରିପୂରକ । ଏଣୁ ଉଭୟେ ଉଭୟଙ୍କ ସମାସ୍କନ୍ଧ । ଉଭୟେ ଉଭୟଙ୍କୁ ସମ୍ମାନ ଦେବା ଉଚିତ । ଏଣୁ ଶିକ୍ଷାର ପ୍ରସାର ସହ ନାରୀ ପ୍ରଗତି ବୃଦ୍ଧି ପାଇଛି । ଶିକ୍ଷା, ବାଣିଜ୍ୟ, ଗବେଷଣା, କ୍ରୀଡ଼ା ଇତ୍ୟାଦି ଅନେକ କ୍ଷେତ୍ରରେ ପୁରୁଷଠାରୁ ମଧ୍ୟ ଟପିଗଲାଣି ନାରୀ । ସରକାର ମଧ୍ୟ ଅନେକ ନିୟମ ପ୍ରଣୟନ କରିଲେଣି ନାରୀଶିକ୍ଷା, ସ୍ୱାଧୀନତା ଏବଂ ନାରୀମାନଙ୍କ

ସୁରକ୍ଷା ପାଇଁ । କେତେକ ବେସରକାରୀ ସଂସ୍ଥା ମଧ୍ୟ ଆଗେଇ ଆସିଲେଣି ନାରୀମାନଙ୍କ ସୁରକ୍ଷା ପାଇଁ । ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ସଂଗ୍ରାମ କଲେଣି । ବର୍ତ୍ତମାନ କେନ୍ଦ୍ର ସରକାର 'ବେଟି ପଢ଼ାଓ, ବେଟି ବଚାଓ' ରାଜ୍ୟ ସରକାରଙ୍କ 'ମା'ଙ୍କୁ ସମ୍ମାନ ଇତ୍ୟାଦିର ସ୍ଲୋଗାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ନାରୀ ବିନା ଏକ ସୁସମାଜ ଗଠନ ଓ ସଂସାରରେ ବଞ୍ଚିବା କଷ୍ଟକର । ନାରୀର ଜୀବନ ଏକ ଉତ୍ସର୍ଗୀକୃତ ଜୀବନ । ନିଜର ଜୀବନକୁ ଜଳାଞ୍ଜଳି ଦେଇ, ପ୍ରାଣପଣେ ଲାଗିଥାଏ ପର ପାଇଁ । ପରକୁ ଆପଣାର କରିବା, ସମସ୍ତଙ୍କ ସୁଖଦୁଃଖର ସାଥି ହେବା, କୋମଳ ହୃଦୟରେ ସମସ୍ତ ଗରଳକୁ ପିଇଯିବା କେବଳ ନାରୀ ପକ୍ଷେ ସମ୍ଭବ । ମନର କଷ୍ଟକୁ ମନରେ ମାରି ଉପରେ ହସୁଥିବା ଜୀବନ ଏକ ନାରୀର । (ନାରୀ ଖୁବ୍ ଆତ୍ମବିଶ୍ୱାସର ସହ ନିଜ କାର୍ଯ୍ୟ ସଂପାଦନ କରିଥାଏ । ଲକ୍ଷ୍ୟ ସ୍ଥିର କରିଥାଏ ଏବଂ ସୁବ୍ୟବସ୍ଥିତ ଭାବେ ସଂଚାଳନ କରିଥାଏ ଅନେକ କ୍ଷେତ୍ରକୁ । ନାରୀ ସାଧାରଣତଃ ସରଳ, ମୃଦୁଭାଷିଣୀ ଓ ଧିରସ୍ଥିର ସ୍ୱଭାବର । ସେମାନଙ୍କ ମନୋଭାବ ଖୁବ୍ କୋମଳ । ସମସ୍ତ ଉଚ୍ଚତର ମାନବୀୟଗୁଣ ଭୂଷିତା ନାରୀ ।)

ଆଜିର ରାଜନୈତିକ ତଥା ସାମାଜିକ ଦୌଡ଼ରେ ସୁଷମା ସ୍ୱରାଜ ଓ ମେନକାଗାନ୍ଧୀଙ୍କ ଭଳି ନେତ୍ରୀଙ୍କୁ ନିଜର ଆଦର୍ଶ ରୂପେ ଗ୍ରହଣ କରିବା ସ୍ୱାଭାବିକ । ମହିଳା ଆରକ୍ଷଣରେ ଭେଦଭାବ ଏମାନଙ୍କ ମନରେ କଷ୍ଟ ଦେଉଛି । ଝିଅପୁଅଙ୍କୁ ସମାନ ଅଧିକାର ଦେବାକୁ ହେବ ଏବର ଝିଅଙ୍କ ଉତ୍ସାହ ଉଦ୍ଦୀପନା ସ୍ୱାଗତଯୋଗ୍ୟ । ସେମାନେ ନିଜ ପ୍ରତିଭାରେ, ଶ୍ରମରେ, ଶକ୍ତିରେ ସମାଜର ବିଭିନ୍ନ କ୍ଷେତ୍ରରେ ଦେଶକୁ ପ୍ରଗତି ପଥରେ ନେବାକୁ ସଂକଳ୍ପବଦ୍ଧ ।

ଆମେ ଜାଣୁ ନାରୀ ବିନା ସୃଷ୍ଟି ଅସଂପୂର୍ଣ୍ଣ, ବଂଶବୃଦ୍ଧି ଅସମ୍ଭବ । ତେବେ ବି ନାରୀ ଆମର ସମାଜରେ କେବଳ କାହିଁକି ବିଶ୍ୱର ପ୍ରତି ରାଷ୍ଟ୍ରର ପ୍ରତି ଧର୍ମରେ, ପ୍ରତି ସମାଜରେ ଦୁର୍ବଳା, ଅବଳା ରୂପେ ଖ୍ୟାତ । ଦୁର୍ବଳ ଉପରେ ସବଳର ଆକ୍ରମଣ, ଅତ୍ୟାଚାର ସୃଷ୍ଟିର ପ୍ରାରମ୍ଭରୁ ଲାଗିରହିଛି । ନା' ନାରୀ ସର୍ବଦା ସବଳା ହୋଇରହିଛି । ସତ୍ୟ, ତ୍ରେତୟା, ଦ୍ୱାପର ଯୁଗରେ ନାରୀ ସ୍ୱାଧୀନତା ବଜାୟ ଥିଲା । ନିଜେ ନାରୀ ପ୍ରତି ଅନୁଗାମିନୀ ହେବାର ଇଚ୍ଛା ପ୍ରକାଶ କରୁଥିଲା । ଏପରିକି କଳିଯୁଗରେ ମୋଗଲଙ୍କ ଦ୍ୱାରା ଭାରତ କବଳିତ ହେଲାପରେ ବି ନାରୀ ସ୍ୱାଧୀନତା ବଜାୟ ଥିଲା ।

ସଂଯୁକ୍ତା ସ୍ୱୟମ୍ବର, ପଦ୍ମିନୀଙ୍କ ଯୁଦ୍ଧ, ଲକ୍ଷ୍ମୀବାଈଙ୍କ ସ୍ୱାଧୀନତା ସଂଗ୍ରାମ ଓ ବାଙ୍କୀର ରାଣୀ ଶୁକଦେଈ ଆଦି ବହୁ ଉଦାହରଣ ଅଛି । ବେଦାଧ୍ୟୟନ, ଯଜ୍ଞ, ଶିକ୍ଷାଦାନ, ଜ୍ଞାନଦାନ, ରାଜ୍ୟ ପରିଚାଳନା କ୍ଷେତ୍ରରେ ସ୍ୱାମୀ ସହ କାନ୍ଧକୁ କାନ୍ଧ ମିଳାଉଥିଲା ନାରୀ । ଆମ ଦେଶରେ ପୁରାତନ ଇତିହାସ ଯାହାକି ପୁରାଣ ନାମରେ ଖ୍ୟାତ, ସେଥିରେ ବିଶେଷ ତଥ୍ୟ ପ୍ରଦାନ କରାଯାଇଛି । ତଥାପି ପୁରାତନ ଭାରତରେ ନାରୀକୁ ବହୁତ ଉଚ୍ଚ ସମ୍ମାନ ପ୍ରଦାନ କରାଯାଉଥିବାର ଅନେକ ସୂଚନା ରହିଛି । ତେଣୁ, ପୁରୁଷ ନାରୀକୁ ଶକ୍ତି ରୂପେ ବନ୍ଦନା କରେ ।

ପୁରାତନ ତଥା ସନାତନ କାଳରେ ନାରୀ ଶିକ୍ଷା କ୍ଷେତ୍ରରେ ପ୍ରଭୂତ ଉନ୍ନତି ଘଟିଥିଲା । ଗୁରୁକୁଳ ଆଶ୍ରମରେ ପତିଙ୍କ ସହ ବିଦୂଷୀ, ମହୀୟସୀ ଭାରତୀୟ ମହିଳାବୃନ୍ଦ ବିଦ୍ୟାଧ୍ୟୟନ, ଯୋଗ, ତପ, ଜପ, ଯଜ୍ଞ ଆଦିରେ ବିଶେଷ ଭୂମିକା ଗ୍ରହଣ କରୁଥିଲେ । ଜ୍ଞାନ ଅନ୍ୱେଷଣ ତଥା ଜନପଦର ହିତସାଧନରେ ପତି ସହ ମିଶି ଆଶ୍ରମର ସମସ୍ତ କର୍ମ ସୂଚାରୁରୂପେ ପରିଚାଳନା କରୁଥିଲେ ।

ଅନ୍ୟପକ୍ଷରେ ତା'ର ସ୍ୱାଧୀନତାର ଶକ୍ତିକୁ ମଧ୍ୟ ସମାଜ ସହଜରେ ସ୍ୱୀକାର କରେ ନାହିଁ । ସାମଗ୍ରିକ ଭାବରେ ନାରୀ ଜାତିର ସୁଖଦୁଃଖ, ମଙ୍ଗଳ, ଅମଙ୍ଗଳ ମଧ୍ୟ ଦେଇ ଦେଖିଲେ ପିତା, ଭ୍ରାତା, ସ୍ୱାମୀର ସମସ୍ତ ହୀନତା, ପ୍ରତାରଣା ଓ ଫାଙ୍କି ଯେପରି ସ୍ପଷ୍ଟ ହୋଇଉଠେ, ସମଗ୍ର ପୁରୁଷ ଜାତିର ଉନ୍ନତି, ବିନାଶ ଓ ସନ୍ତୋଷ ମଧ୍ୟରେ ନାରୀର ସ୍ନେହ, ମମତା, ତ୍ୟାଗ ଓ ସମର୍ପଣର ସ୍ୱରୂପ ମଧ୍ୟ ସେହିପରି ଦାଉ ଦାଉ ହୋଇ ଫୁଟିଉଠେ । ଯେତେବେଳେ ତା'ର ସ୍ୱାଧୀନତାକୁ ସାବ୍ୟସ୍ତ କରିବାର ସାମାନ୍ୟ ସୁଯୋଗ ମିଳିଛି, ସେତେବେଳେ ସେ ଅନାୟାସରେ ପୁରୁଷକୁ ଅତିକ୍ରମ କରି ନିଜ ସନ୍ତାନ ଓ ସମାଜର ମଙ୍ଗଳପ୍ରଦାୟିନୀ ହୋଇପାରିଛି । ଆଜି ମଧ୍ୟ ଜ୍ଞାନୀ-ମାନୀ-ଗୁଣୀ ବା ରାଜନେତା ନୁହଁନ୍ତି ଭଲଭାବେ ବଞ୍ଚିବାର ନିମ୍ନତମ ଅଧିକାର ଦାବିରେ ଗରୀବ ଶ୍ରେଣୀର ନାରୀମାନେ ହିଁ ନିଶା ନିବାରଣର ସ୍ଲୋଗାନ ଦେଇ ମଦଭାଟି ଭାଙ୍ଗିବାକୁ ରାସ୍ତାକୁ ଓହ୍ଲେଇଆସନ୍ତି ।

ସାମାଜିକ ଲାଞ୍ଛନାର ଭୟ ନଥିବାରୁ ପୁରୁଷମାନେ ନିଜର ଉଚ୍ଛୃଙ୍ଖଳ ଆଚରଣ ପାଇଁ ନାରୀ ପରି ସେତିକି ତ୍ରସ୍ତ କିମ୍ବା ସଚେତନ ହୁଅନ୍ତି ନାହିଁ । ପୁରୁଷଠାରୁ କମ୍ ଉପାର୍ଜନ କଲେ ମଧ୍ୟ ଜଣେ ସ୍ୱାବଲମ୍ବୀ ନାରୀ ଶୃଙ୍ଖଳିତ ଜୀବନଚର୍ଯ୍ୟା ଓ ମିତବ୍ୟୟତା ଦ୍ୱାରା ନିଜ ସନ୍ତାନର ଭବିଷ୍ୟତକୁ ଅଧିକ ସୁନ୍ଦର ବିକଶିତ ଓ ସୁରକ୍ଷିତ କରି ରଖିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇପାରେ । ସେଥିପାଇଁ ଆମ ଓଡ଼ିଆରେ ଢ଼ଗଟିଏ ଅଛି –

"ବାପ ସୁନାମୁଣ୍ଡାରେ ପୋଷି ପାରେ ନା
ମାଆ ଖୁଦକୁଣ୍ଡାରେ ପୋଷେ ।"

ନାରୀର ଶକ୍ତି – ଏହି ଖୁଦକୁଣ୍ଡାର ଶକ୍ତି । ଧନ-ସଂପଦ କ୍ଷମତା କିମ୍ବା ପଦପଦବୀର ଅହଂକାର ନୁହେଁ, ମାୟାମମତା, ଆଦର ଅନୁରାଗ ଓ ତ୍ୟାଗ ତିତିକ୍ଷା ହେଉଛି ଏହି ଶକ୍ତିର ଉତ୍ସ । ନାରୀ-ପୁରୁଷ ନିର୍ବିଶେଷରେ ମଣିଷ ଯେତେବେଳେ ଏହି ଶକ୍ତିକୁ ଚିହ୍ନିବ ଓ ତାହାର ଉପାସନା କରିବ, ସେତେବେଳେ ପୃଥିବୀରେ ସ୍ୱର୍ଗ ଓହ୍ଲେଇ ଆସିବାରେ ଡ଼େରି ହେବନାହିଁ ।

ପ୍ରାଚୀନ ଭାରତର ମୁନିଋଷି, କବି, ଶାସ୍ତ୍ରକାର ପାରମ୍ପରିକ ନୈତିକତାର ଊର୍ଦ୍ଧ୍ୱରେ ନାରୀ ସ୍ୱାତନ୍ତ୍ର୍ୟକୁ ରଖିନଥିଲେ ପକନ୍ୟାଙ୍କ ବ୍ୟକ୍ତିତ୍ୱକୁ ଏତେ ଶ୍ରଦ୍ଧାର ସହ କେବେହେଲେ ଚିତ୍ରଣ କରିନଥାନ୍ତେ । ମଣିଷର ବ୍ୟକ୍ତିଗତ ଭାବ ଭାବନାର ଗୁରୁତ୍ୱକୁ ସେମାନେ କେବେହେଲେ ଏଡ଼ାଇଯାଇନଥିଲେ କିମ୍ବା ତାକୁ ନେଇ ଅଯଥା ତର୍କବିତର୍କର ପରିବେଶ ସୃଷ୍ଟି କରି ନଥିଲେ । ତଥାକଥିତ ମୁକ୍ତିବିଚାରର ଦ୍ୱାହି ଦେଇ ସାଂପ୍ରତିକ ସମାଜରେ ବହୁ ବିକାରଗ୍ରସ୍ତ ଆଲୋଚନା ସମାଲୋଚନାର ସୂତ୍ରପାତ ହେଉଛି । କିନ୍ତୁ ବୁଦ୍ଧି-ବିବେକବତୀ ନାରୀମାନେ ନିଜର ବ୍ୟକ୍ତିଗତ ଓ ସାମାଜିକ ଆବଶ୍ୟକତାକୁ ଦୃଷ୍ଟିରଖନ୍ତି ଅନେକ ସମ୍ବେଦନଶୀଳ ସମସ୍ୟାର ସମାଧାନ କରିଚାଲିଛନ୍ତି ଓ ଆଗକୁ ମଧ୍ୟ କରିଚାଲିବେ, ଏଥିରେ ସନ୍ଦେହ ନାହିଁ ।

### ସହାୟକ ଗ୍ରନ୍ଥସୂଚୀ


[୧]. ହୃଷୀକେଶ ପଣ୍ଡା, 'ଗର୍ବ କରିବାର କଥା', ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୨

[୨]. ଅପର୍ଣ୍ଣା ମହାନ୍ତି, 'ନାରୀ ମନ', ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ୨୦୧୨

[୩]. ଲାବଣ୍ୟ ନାୟକ, 'ନାରୀ ଚରିତ୍ର', ପାଦଟୀକା, କଲ୍ୟାଣୀ ନଗର, କଟକ, ୨୦୧୨

[୪]. ଲକ୍ଷ୍ମୀନୃସିଂହ ରଥ, 'ନାରୀ ବିଚିତ୍ରବର୍ଣ୍ଣା', ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର, ୨୦୦୭